# Akashvani, Sambalpur

# SAMBALPURI NEWS BULLETIN

## 30 November 2025 – 6.47- 6.52 am.

**********************************************

ମନ୍ କି ବାତ୍          ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଦିନର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୮ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଳିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ପ୍ରଧାନ୍‌ମନ୍ତ୍ରୀ- ଡିଜି, ଆଇଜି ସମ୍ମିଳନୀ   ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଛତିଶ୍‌ଗଡ଼୍‌ର ରାୟପୁର୍ ନ ଚାଲିଥିବା ୬୦ ନମ୍ବର୍ ସର୍ବଭାରତୀୟ ପୁଲିସ୍ ମହାନିର୍ଦ୍ଦେଶକ୍ ଆଉ ଆରକ୍ଷୀ ମହାନିରୀକ୍ଷକ୍ ସମ୍ମିଲନୀର୍ ଆଏଜ୍ ଉଦ୍‌ଯାପନୀ ଅଧିବେଶନ୍‌ଥି ଯୋଗ୍ ଦେବେ । ଗଲାକାଏଲ୍ ପ୍ରଧାନ୍‌ମନ୍ତ୍ରୀ ଇ ସମ୍ମିଲନୀଥି ଯୋଗ୍ ଦେଇକରି ଆତଙ୍କବାଦ୍ ମୁକାବିଲା, ବାମପନ୍ଥୀ ଉଗ୍ରବାଦ୍, ଜାତୀୟ ନିରାପତା ବାଗିର୍ ଭିନ୍ ଭିନ୍ ପ୍ରସଙ୍ଗ ଉପ୍‌ରେ ଆଲୋଚନା କରିଛନ୍ । ଇତାର୍‌ସହେତେ ଆଇନ୍ ଶୃଙ୍ଖଲା ବ୍ୟବସ୍ଥାକେ ମଜ୍‌ବୁତ୍ କର୍‌ବାର୍ ଆଉ ଆତଙ୍କବାଦ୍‌ର ମୁକାବିଲା ନେଇକରି ବଡ଼ ଅଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା କରିଥିଲେ ।

ସଂସଦ୍ ଶୀତ୍ ଅଧିବେଶନ      ଆର୍‌ଏନ୍‌ୟୁ/ ସମ୍ବଲପୁର

ସଂସଦ୍‌ର ଶୀତ୍ ଅଧିବେଶନ୍ ଆଏବା କାଏଲ୍‌ଠାନୁ ମୁଲ୍ ହେଉଛେ । ଇତାର୍ ଆଘୋନୁ କେନ୍ଦ୍ର ସର୍‌କାର୍ ଆଏଜ୍ ଗୁଟେ ସର୍ବଦଲୀୟ ବୈଠକ୍ ଡାକିଛନ୍ । ସଂସଦୀୟ ବ୍ୟାପାର୍ ମନ୍ତ୍ରୀ କିରେନ୍ ରିଜିଜୁ ଇଥିର୍‌ଲାଗି ସବୁଦଲର୍ ନେତାମାନ୍‌କୁ ଚିଠି ଜରିଏ ଜନେଇଛନ୍ । ଆଏଜ୍ ସଖାଲର୍ ୧୧ ବଜେ ସର୍ବଦଲୀୟ ବୈଠକ୍ ହେବା । ଅଧିବେଶନ୍‌କେ ଠିକ୍ ଭାବେ ଚଲାବାର୍ ଲାଗି ସର୍‌କାର୍ ବିରୋଧୀ ଦଲ୍‌ର୍ ସହଯୋଗ୍ କାମନା

କର୍‌ବେ । ଇନ ଜନେଇ ଦିଆଯାଇପାରେ ଯେ, ସଂସଦ୍‌ର ଶୀତ୍ ଅଧିବେଶନ୍ ଆଏବା କାଏଲ୍‌ନୁ ମୁଲ୍ ହେଇକରି ଡିସେମ୍ବର୍ ୧୯ ତାରିଖ୍‌ତକ୍ ଚାଲ୍‌ବା । ଇଥି ମୋଟ୍ ୧୫ ଟା କାର୍ଯ୍ୟଦିବସ୍ ରହିଛେ ।

ମୁଖ୍ୟମନ୍ତ୍ରୀ-ଅଭିଯୋଗ୍ ଶୁଣାଣି ବନ୍ଦ୍ ହି.ସ.

ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଆଏବା କାଏଲ୍ ବନ୍ଦ୍ ରହେବା । ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ଦିଆଯାଇଥିବା ସୂଚ୍‌ନା ଅନ୍‌ସାରେ ସପ୍ତଦଶ ବିଧାନ୍‌ସଭାର୍ ୫ ନମ୍ବର୍ ଅଧିବେଶନ୍ ଚାଲୁଥିବାର୍‌ନୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଶୁଣାଣିକେ ବନ୍ଦ୍ ରଖାଯାଇଛେ । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଧାନ୍ ଘିନା ଆର୍‌ଏନ୍‌ୟୁ/ ସମ୍ବଲପୁର

ଚଲ୍‌ତି ଖରିଫ୍ ଋତୁଥି ରାଏଜେ ଧାନ୍ ଘିନାକେ ନେଇକରି ସର୍‌କାର୍ ବହୁତ୍‌ଟେ ପଦକ୍ଷେପ୍ ନେଇଛନ୍ । ପଞ୍ଜିକୃତ ଚାଷୀମାନ୍‌କର୍ ଠାନୁ ଧାନ୍ ଘିନ୍‌ବାର୍ ସହେତେ ସେମାନ୍‌କୁ ଠିକ୍ ସମିଆଥି ପଏସା ଦେବାର୍ ଲାଗି

ସର୍କାର୍ କାର୍ଯ୍ୟାନୁଷ୍ଠାନ୍ ନେଇଛନ୍ । ଇତାର୍ଛଡ଼ା ମିଲର୍ସ ମାନେ ଇ ପ୍ରକ୍ରିୟାଥି ସାମିଲ୍ ହେଇକରି ସହଯୋଗ୍ ଜାରି ରଖିବାର୍କେ ପ୍ରତିଶ୍ରୁତି ଦେଇଛନ୍ ବଲି ଖାଦ୍ୟଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଇ ବାବ୍‌ଦେ ମନ୍ତ୍ରୀ ଶ୍ରୀ ପାତ୍ର ଓଡ଼ିଶା ରାଇସ୍‌ମିଲ୍ ସଂଘର୍ କର୍ମକର୍ତାମାନ୍‌କର୍ ସଙ୍ଗେ ଗଲାକାଏଲ୍ ଆଲୋଚନା କରିଛନ୍ । ଚାଷୀମାନ୍‌କର୍ ସ୍ୱାର୍ଥ ରକ୍ଷା ଦିଗେ ବୈଠକ୍‌ଥି ଆଲୋଚନା କରାଯାଇଥିଲା ।

ସୁଭଦ୍ରା ଶକ୍ତି କେଫେ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ମୋଟ୍ ୨ ଶହ ୯୭ ଟା ସୁଭଦ୍ରା ଶକ୍ତି କେଫେ ଥାପ୍‌ନା ହେଇଥିବାର୍ ବେଲେ ଇହାଦେ ୨ ଶହ ୫୪ ଟା କାର୍ଯ୍ୟକ୍ଷମ୍ ରହିଛେ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିଧାନ୍‌ସଭା ନ କହିଛନ୍ । ବିଧାୟକ୍ ଟଙ୍କଧର୍ ତ୍ରିପାଠୀଙ୍କର୍ ଗୁଟେ ପ୍ରଶ୍ନର୍ ଉତର୍‌ଥି ଶ୍ରୀମତୀ ପରିଡ଼ା କହିଛନ୍, ୨ ହଜାର୍ ୨ ଶହ ୩୯ ଝନ୍ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଇଥି କାମ୍ କରୁଛନ୍ । ସୁନ୍ଦର୍‌ଗଡ଼୍ ଆଉ କୋରାପୁଟ୍ ନ ସବୁନୁ ଅଏତ୍‌କା ୧୮ ଟା ଲେଖା କେଫେ ରହିଛେ ।

ସ୍ୱତନ୍ତ୍ର ଗୋ ସୁରକ୍ଷା ଆଇନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍କାର୍ ଗୋ ମାତାର ସୁରକ୍ଷା ଦିଗେ କାମ୍ କରୁଛନ୍ । ଆଏବା ଦିନେ ସ୍ୱତନ୍ତ୍ର ଗୋ ସୁରକ୍ଷା ଆଇନ୍ ଆନ୍‌ବାର୍‌କେ ସର୍କାର୍ ଚିନ୍ତା କରୁଛନ୍ ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ଭୁବନେଶ୍ୱର୍ ଲୋୟର୍ ପିଏମ୍‌ଜି ନ ୫ ଦିନ୍ ହେଲା ଅନଶନ୍‌ଥି ବସିଥିବା ଗୋସୁରକ୍ଷା ମଣ୍ଡଲୀର୍ ପ୍ରତିନିଧି ମାନ୍‌କର୍ ସାଙ୍ଗେ ଆଲୋଚନା କରିକରି ମନ୍ତ୍ରୀ ଇଟା କହିଛନ୍ । ମନ୍ତ୍ରୀଙ୍କର୍ ଆଲୋଚନା ଉତ୍‌ରୁ ଇ ପ୍ରତିନିଧି ମାନେ ଅନ୍‌ଶନନୁ ଉଠିଥିଲେ ।

ଛାତ୍ରବୃତି ଆବେଦନ୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ଅନୁସୂଚିତ ଜନଜାତି ଆଉ ଜାତି ଉନ୍ନୟନ୍ ସଂଖ୍ୟାଲଘୁ ସମ୍ପ୍ରଦାୟ ଆଉ ପଛୁଆବର୍ଗ କଲ୍ୟାଣ୍ ବିଭାଗ୍ ତର୍‌ଫୁ ୨୦୨୫-୨୬ ଶିକ୍ଷା ବଛର୍ ଲାଗି ଛାତ୍ରଛାତ୍ରୀମାନ୍‌କର୍ ମେଟ୍ରିକ୍ ଉତ୍‌ରର୍ ଛାତ୍ରବୃତି ଆବେଦନ୍‌ର ସମିଆକେ ବଢ଼ାଯାଇଛେ । ଛାତ୍ରଛାତ୍ରୀମାନେ ରାଜ୍ୟ ଛାତ୍ରବୃତି ପୋର୍ଟାଲ୍ scholarship.odisha.gov.in ଥି ନୂଆଁକରି ଆବେଦନ୍ କର୍‌ବାର୍‌କେ ବିଭାଗ୍ ତର୍‌ଫୁ କୁହାଯାଇଛେ । ଛାତ୍ରସ୍ତର୍‌ଥି ଇ ପୋର୍ଟାଲ୍ ଆଏବା ଡିସେମ୍ବର୍ ୩୧, ଶିକ୍ଷାନୁଷ୍ଠାନ୍ ସ୍ତର୍ ଲାଗି ଜାନୁଆରୀ ୧୫ ଆଉ

ଜିଲ୍ଲାସ୍ତର୍ ଲାଗି ଜାନୁଆରୀ ୩୧ ୨୦୨୬ ତକ୍ ଖୁଲାରହେବା ବଲି ବିଭାଗ୍ ତର୍ଫୁ କୁହାଯାଇଛେ ।

ଶକ୍ତି ସଂରକ୍ଷଣ୍-ତାଲିମ୍ ଶିବିର ଆର୍ଏନ୍ୟୁ/ ସମ୍ବଲପୁର

ସମ୍ବଲ୍ପୁର୍ ମହାନଗର୍ ନିଗମ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ନ ଶକ୍ତି ସଂରକ୍ଷଣ୍ ଆଉ ସ୍ଥାୟୀ ଭବନ୍ ସଂହିତା ଉପ୍ରେ ଗୁଟେ ତାଲିମ୍ ଶିବିର୍ ହେଇଯାଇଛେ । ବିଦ୍ୟୁତ୍ ବିଭାଗ୍ର ସର୍ବୋଚ୍ଚ ଯନ୍ତ୍ରୀ ଆଉ ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ୍ କାର୍ଯ୍ୟାଳୟ ଅଧୀନ୍ଥି କାମ୍ କରୁଥିବା କର୍ମଚାରୀମାନ୍କୁ ଇଥି ପ୍ରଶିକ୍ଷଣ୍ ଦିଆଯାଇଛେ ।

ହସ୍ତତନ୍ତ-ସଚେତନତା କାର୍ଯ୍ୟକ୍ରମ୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ନ ହସ୍ତତନ୍ତ କ୍ଷେତ୍ରଥି ବ୍ୟବସାୟ ସୁଯୋଗ୍ ଆଉ ସାଇବର୍ ସୁରକ୍ଷା ଉପ୍ରେ ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲା ସଂସ୍କୃତି ଭବନ୍ ଠାନେ ହେଇଥିବା କାର୍ଯ୍ୟକ୍ରମ୍ଥି ଜିଲ୍ଲାପାଳ୍ ନୃପରାଜ୍ ସାହୁ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଜିଲ୍ଲା ନ ହସ୍ତତନ୍ତ କ୍ଷେତ୍ରଥି ବ୍ୟାପକ୍ ବ୍ୟବସାୟ ସୁଯୋଗ୍ ଥିବାର୍ ଆଉ ସାଇବର୍ ସୁରକ୍ଷା ଉପ୍ରେ ଲୁକ୍କୁ ସଚେତନ୍ କରେଇଥିଲେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଗଲାକାଏଲ୍ଠାନୁ ଶୀତ୍ ସାମାଏନ୍ କମିଛେ । ବହୁତ୍ଟେ ଜାଗାନ ତାପମାତ୍ରା ବଢ଼ିଛେ । ଆଏବା ୪ ଦିନ୍‌ତକ୍ ପାଗ୍‌ଥି ବିଶେଷ୍ ପରିବର୍ତ୍ତନ୍ ନାଇଁ ହୁଏ । ତାର୍ ଉତ୍‌ରୁ ତାପମାତ୍ରା ଇହାଦେର୍‌ନୁ ୨/୩ ଡିଗ୍ରୀ କମିପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୬ ଦିନ୍ ତକ୍ ରାଏଜେ ପାଗ୍ ଶୁଖା ରହେବା ।